## ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ: ୨ ଗିରଫ

ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପୋଲିସ ଗମ୍ଭାରିଆ ଗ୍ରାମାଞ୍ଚଳ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥରୁ ବୁଧବାର ଚଢ଼ାଉ କରି ଏକ ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଟ୍ରକ୍‌ରୁ ୬କେଜି ଗଞ୍ଜେଇ ଜବତ ହୋଇଛି।

## ସଂକ୍ଷେପରେ

### ପୋଲିଓ ଟିକା ନେଇ ଶିଶୁ ମୃତ୍ୟୁ ଘଟଣା: ତଦନ୍ତ ଆରମ୍ଭ

ଭଣ୍ଡାରିପୋଖରୀ, ୨୩।୯ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ଗ୍ରାମରେ ବିକାଶ ଜେନାଙ୍କ ଶିଶୁପୁତ୍ର ପୋଲିଓ ଟିକା ନେଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ମୃତ୍ୟୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସନ୍ତୋଷ ପାତ୍ର ଭଣ୍ଡାରିପୋଖରୀ ମେଡିକାଲ ଇନଚାର୍ଜ ଡଃ କମଳାକାନ୍ତ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ. ସ୍ୱାଇଁ ଓ ବିପିଏମ ରଶ୍ମିରେଖା ପୃଷ୍ଟି ଏହାର ରିପୋର୍ଟ ଦେଇଛନ୍ତି। ତଦନ୍ତ ରିପୋର୍ଟକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ଶିଶୁପୁତ୍ରକୁ ଥଣ୍ଡା ଥିବା ଜାଣିବା ପରେ ମଧ ଜଣେ ଷ୍ଟାଫନର୍ସ ଟିକା ଦେଇଥିବା ଶିଶୁପୁତ୍ରର ବାପା କହିଛନ୍ତି। ଶିଶୁପୁତ୍ର ହରାଇଥିବା ପରିବାରଙ୍କ ପକ୍ଷରୁ ଶୁକ୍ରବାର ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବି ଜଣାଇବାସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ କରଛନ୍ତି।

### ପୋଖରୀରୁ ମାଛ ଚୋରି କରି ୫ ଗିରଫ

ପାଟଣା,୨୩।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡେଇପଡା ଗାଁରେ ପୋଖରୀରୁ ମାଛ ଚୋରି ଅଭିଯୋଗରେ ଗୁରୁବାର ପାଟଣା ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧନେଶ୍ୱର ଟୁଡୁ, ରଘୁନାଥ ସୋରେନ, ଶ୍ରୀରାମ ମାଝୀ, ଠାକୁରା ମାଝୀ ଓ ଶ୍ୟାମ ସୋରେନ। ଗତ ୧୮ତାରିଖ ରାତିରେ ଉକ୍ତ ୫ ଜଣ ମୁଦାଲା ପୋଖରୀରୁ ମାଛ ଚୋରି କରୁଥିବା ବେଳେ ଜାଲ ସହ ଧରା ପଡ଼ିଥିଲେ। ଏନେଇ ଗ୍ରାମରେ ବୈଠକ ବସିଥିଲା କୌଣସି ସମାଧାନ ସୂତ୍ର ନ ବାହାରିବାରୁ ମହିଳାମାନେ ବୁଧବାର ସାହାରପଡା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୫୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ମାଛ ଧରିବାକୁ ଯାଇ ଡ୍ୟାମ୍‌ରେ ବୁଡ଼ି ନିଖୋଜ

ତେଲକୋଇ, ୨୩।୯(ଡି.ଏନ.ଏ.): ହୁଲି ଡଙ୍ଗା ଧରି ଦଣ୍ଡାଧର ଡ୍ୟାମ ଭିତରକୁ ମାଛ ମାରିବାକୁ ଯାଇଥିଲେ। ଫେରିବା ବେଳେ ଡଙ୍ଗା ବୁଡ଼ି ଯିବାରୁ ଜଣେ ନିଖୋଜ ଅଛନ୍ତି। ସେ ହେଲେ ବଳଭଦ୍ରପୁର ପଞ୍ଚାୟତ ବିରିପାଳ ଗାଁ ମନ୍ଦିର ସାହିର ଯଦୁମଣି ନାଏକ। ଖବର ପାଇ ତେଲକୋଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛି। ତେବେ ଉକ୍ତ ଡଙ୍ଗାରେ ଆଉ କେତେ ଜଣ ଥିଲେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳିନି।

### ହୋଟେଲରୁ ମଦ ଜବତ, କର୍ମଚାରୀ ଗିରଫ

ସଜନାଗଡ଼,୨୩।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର ବୁଧବାର ସନ୍ଧ୍ୟାରେ ସଜନାଗଡ଼ ସ୍ଥିତ ମା’ ତାରିଣୀ ହୋଟେଲରେ ଚଢ଼ାଉ କରି ୧୦.୫ ଲିଟର ବିଦେଶୀ ମଦ ଜବତ କରିଛନ୍ତି। ହୋଟେଲ ମ୍ୟାନେଜର ଆଦିକନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ଏସ୍‌ଡିପିଓଙ୍କର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### କବି ଗିରୀଶ ଚନ୍ଦ୍ରଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୨୩।୯:** ଢେଙ୍କାନାଳ ଜିଲା ଲେଖକ ସଂସଦର ପୂର୍ବତନ ସଭାପତି କବି ଗିରୀଶ ଚନ୍ଦ୍ର ନନ୍ଦଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ମଙ୍ଗଳବାର କବିଭୂଷଣ ମାର୍ଗସ୍ଥିତ କବିକୁଟୀର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବି ମନୋରଞ୍ଜନ ନନ୍ଦ କହିଲେ, ଗିରୀଶ ନନ୍ଦଙ୍କ ଲିଖିତ କବିତା ‘ଶାଳବଣ’ର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଗାଳ୍ପିକ ସୁଶୀଲ କୁମାର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିଳ୍ପୀ ପରେଶ ପଟ୍ଟନାୟକ, ଶିକ୍ଷାବିତ୍ ସ୍ନେହପ୍ରଭା ଷଡ଼ଙ୍ଗୀ ଉପସ୍ଥିତ ରହି କବି ଗିରୀଶ ଚନ୍ଦ୍ରଙ୍କ କୃତି ଉପରେ ଆଲୋଚନା କରିଥିଲେ। ସଂଯୁକ୍ତା ମିଶ୍ର, ଡ. ଅଜିତ ରଣା, ମନୋଜ ମଞ୍ଜରୀ ଦାସ, ପ୍ରସନ୍ନ ଦାଶ, ଅଞ୍ଜୁ ଅସମିନ୍, ଚାରୁଲତା ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ। ସସ୍ମିତା ଦାଶ ସ୍ୱାଗତ ଓ ମାନସ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟିକା ମନୋରମା ମହାପାତ୍ରଙ୍କ ପରଲୋକରେ ସ୍ମୃତିଚାରଣ କରାଯାଇଥିଲା।

# ଜାଲରେ ପଡୁନାହାନ୍ତି ବଡ଼ ଇଲିଶି

**ଭୋଗରାଇ, ୨୩।୯(ଡି.ଏନ.ଏ.)**


ହାଟ ବଜାରରେ ବିକ୍ରି ହେଉଥିବା ଛୋଟ ଇଲିଶି।

କଥାରେ ଅଛି ଚାକିରି କରିବ ପୋଲିସ, ମାଛ ଖାଇବ ଇଲିଶି। ଇଲିଶି ନାଁ ଶୁଣିଲେ ଆମିଷ ପ୍ରେମୀଙ୍କ ପାଟିରୁ ଲାଳ ଗଡ଼େ। ଇଲିଶି ମାଛର ସ୍ୱାଦ ଅନ୍ୟ ମାଛଠାରୁ ନିଆରା ହୋଇଥିବାରୁ ଏହାର ଚାହିଦା ଅଧିକ। କିନ୍ତୁ ଏବେ ଏହି ଇଲିସିକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମତ୍ସ୍ୟଜୀବୀ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ବଡ଼ ଇଲିଶି ଜାଲରେ ପଡୁ ନ ଥିବା ବେଳେ ଛୋଟ ଇଲିଶି ଧରି ଯେନତେନ ସନ୍ତୁଷ୍ଟ ହେଉଛନ୍ତି ମାଛ ଧରାଳି।

ଲଘୁଚାପ ଜନିତ ଝିପିଝିପି ବର୍ଷା ଯୋଗୁ ଇଲିସି ଏବେ ଉପକୂଳମୁହାଁ। ବାଲେଶ୍ୱର ଉପକୂଳ ଉଦୟପୁର, ତାଳସାରୀ, ବିଚିତ୍ରପୁର, କୀର୍ତ୍ତନିଆ, ଚୌମୁଖ, ଡଗରା, ବାହାବଳପୁର, କଷାଫଳ ସମେତ ପଡ଼ୋଶୀ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣି ଓ ଜୁନପୁଟ ମତ୍ସ୍ୟ ଅବତରଣ କେନ୍ଦ୍ରରେ ସପ୍ତାହେ ହେଲା ଛୋଟ ଇଲିସି ଆମଦାନୀ ହେଉଛି। ବଡ଼ ଇଲିସି ବଜାରକୁ କମ୍ ପରିମାଣରେ ଆସୁଛି। ଝଡ଼ବର୍ଷାକୁ ବେଖାତିର କରି ମତ୍ସ୍ୟଜୀବୀମାନେ ନିଜ ଜୀବନକୁ ବାଜି ଲଗାଇ ଟ୍ରଲର ଯୋଗେ ଗଭୀର ସମୁଦ୍ରରେ ଇଲିସି ତଲାସୀ ଜାରି ରଖିଛନ୍ତି।

ମୌସୁମୀ ଓ ପୂର୍ବାଳି ବତାଶରେ ମାଏନ୍‌ମାର ଓ ବାଂଲାଦେଶ ଗଭୀର ସମୁଦ୍ରରୁ ପ୍ରଚୁର ଇଲିସି ଉପକୂଳ ସମୁଦ୍ର ଓ ନଦୀ ସଙ୍ଗମ ସ୍ଥଳକୁ ମଧୁର ଜଳ ପାନ କରିବା ସହ ଯାଆଁଳ ଛାଡ଼ିବାକୁ ଆସିଥାନ୍ତି। ଅନୁକୂଳ ଥିବାରୁ ମତ୍ସ୍ୟଜୀବୀମାନେ ଟ୍ରଲର ସାହାଯ୍ୟରେ ସମୁଦ୍ରରେ ଜାଲ ବିଛାଇ ଇଲିସି ଧରି କୂଳକୁ ଫେରୁଛନ୍ତି। ସହସ୍ରାଧିକ ମାଛଧରା ଟ୍ରଲର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ସମୁଦ୍ରକୁ ଯାଉଛି ଓ ମାଛ ଧରି ଫେରୁଛି। ଜାଲରେ ଛୋଟ ଇଲିସି ପଡୁଥିବାରୁ ହାଟବଜାରରେ ଏହାର ଦାମ୍ ହ୍ରାସ ପାଇଛି। ୫ଶହ ଗ୍ରାମରୁ କମ୍ ଓଜନର ଇଲିସି କିଲୋ ପ୍ରତି ୨୦୦ରୁ ୩୦୦ଟଙ୍କାରେ ବିକ୍ରି ହେଉଥିବା ବେଳେ ୫୦୦ଗ୍ରାମରୁ ଉର୍ଦ୍ଧ୍ୱ ବଡ଼ ଇଲିସି ୫ଶହରୁ ୧ହଜାର ଟଙ୍କାରେ ବିକ୍ରି ହେଉଛି। ସହସ୍ରାଧିକ ମାଛଧରା ଟ୍ରଲରର ଗୁରୁଗର୍ଜନ ଓ ନଦୀ କୂଳରେ ଗଢ଼ି ଉଠିଥିବା କଳକାରଖାନାର ନିର୍ଗତ ଦୂଷିତ ଜଳ ସମୁଦ୍ରକୁ ନିଷ୍କାସିତ ହେଉଥିବାରୁ ବଡ଼ ଇଲିଶି ଆଶାତୀତ ଭାବେ କୂଳକୁ ଆସୁ ନ ଥିବା ମତ୍ସ୍ୟଜୀବୀ ଓ ସମୁଦ୍ରବିଜ୍ଞାନୀମାନେ କହିଛନ୍ତି। ବିଗତ ୩ବର୍ଷ ହେଲା ବଡ଼ ଇଲିସି ମତ୍ସ୍ୟଜୀବୀଙ୍କ ଜାଲରେ ଧରା ପଡୁ ନ ଥିବା ବେଳେ ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଅଧିକ ପରିମାଣରେ ଇଲିଶି ଧରିବା ଲାଗି ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀ ଆଶା ବାନ୍ଧିଛନ୍ତି। ପାଗ ଏପରି ଅପରିବର୍ତ୍ତିତ ରହିଲେ ପ୍ରଚୁର ଇଲିସି ଧରାଯିବ ବୋଲି ଟ୍ରଲର ମାଲିକ ଯୋଗେନ୍ଦ୍ର ଗଙ୍ଗେଇ କହିଛନ୍ତି। ତେବେ ଛୋଟ ଇଲିଶି ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଥିଲେ ମଧ ମତ୍ସ୍ୟଜୀବୀମାନେ ଜୀବନଜୀବିକା ନିମନ୍ତେ ଛୋଟ ଇଲିଶି ଧରୁଥିବା ଭୋଗରାଇ ମତ୍ସ୍ୟ ବିଭାଗର ସହ ଅଧିକାରୀ ଅନନ୍ତ ଜେନା ପ୍ରକାଶ କରିଛନ୍ତି।

# ଧାନ ବିଲରୁ ମୃତଦେହ ଜବତ


ଘଟଣାସ୍ଥଳରେ ପୋଲିସ ଓ ଗ୍ରାମବାସୀ।

**ବାଲିଆପାଳ,୨୩।୯(ସ୍ୱ.ପ୍ର.)**

## ପରକୀୟା ପ୍ରୀତିରୁ ହତ୍ୟା ସନ୍ଦେହ

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଘଣ୍ଟୁଆ ପଞ୍ଚାୟତ ବଡ଼କସବା ଗ୍ରାମର ଏକ ଧାନ ବିଲରୁ ତରୁଣ କୁମାର ପାତ୍ର(୩୮) ନାମକ ଯୁବକଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ପରକୀୟା ପ୍ରୀତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ତରୁଣଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ଅଭିଯୋଗ ଅନୁଯାୟୀ, ତରୁଣ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ଜଣେ ବିବାହିତା ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖି ଆସୁଥିଲେ। ଏହାକୁ ନେଇ ତାଙ୍କ ପରିବାରରେ ଗଣ୍ଡଗୋଳ ଲାଗି ରହୁଥିଲା। ହେଲେ ସେ ତାଙ୍କ ପରିବାରକୁ ବହୁତ ଭଲ ପାଉଥିଲେ। ତରୁଣ ବୁଧବାର ସନ୍ଧ୍ୟାରେ ଘରୁ ବାହାରି ଯାଇଥିଲେ, ହେଲେ ଗୁରୁବାର ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଅଞ୍ଜଳି ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୬୬/୨୧) ରୁଜୁ ହେବା ପରେ ବାଲିଆପାଳ ଥାନା ଆଇଆଇସି ପର୍ଶୁରାମ ସାହୁ, ଏଏସ୍‌ଆଇ ଫକୀରଚରଣ ପ୍ରଧାନଙ୍କ ସହିତ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ଲୋକଙ୍କୁ ପଚରାଉଚୁରା କରିବା ସହ ରକ୍ତ ଦାଗ ଦେଖି ତଦନ୍ତ କରିଥିଲେ। ଶେଷରେ ତରୁଣଙ୍କ ମୃତଦେହ ଏକ ଧାନ ବିଲ ମଝିରୁ ଜବତ କରାଯାଇଥିଲା। ଅଧିକ ତଦନ୍ତ ପାଇଁ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି ଏବଂ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି।

# ଆଗାମୀ ଦିନରେ ଲଉଡ଼ି ଉତ୍ସବ ପାଳନ ହେବ


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

## ମନ ମୋହିଲା ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆମ ରାଜ୍ୟର ପ୍ରଲୁପ୍ତ ଲୋକକଳାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ମାସରେ ଗୋଟିଏ ଦିନ ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଆଦିପୁରର ରାଧାକୃଷ୍ଣ ଲଉଡ଼ି ଦଳ ପକ୍ଷରୁ ପାରମ୍ପରିକ ଭାବେ ଗୋପାଳ ସମ୍ପ୍ରଦାୟ ଦ୍ୱାରା ପରିବେଷଣ ହେଉଥିବା ଲଉଡ଼ି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ବଲାଙ୍ଗୀର ଜିଲା ଟିଟିଲାଗଡ଼ର କଳାକାରଙ୍କ ଦ୍ୱାରା ଢାପ୍ ନୃତ୍ୟ ପରିବେଷଣ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ସଚିବ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲୋକକଳାକୁ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଓ ପ୍ରଚେଷ୍ଟାର ଫଳ ସ୍ୱରୂପ ରାଜ୍ୟରେ ୨୦୧୧ରୁ କଳାକାର ସଂଘ ପ୍ରତିଷ୍ଠା ହୋଇପାରିଛି। ଯାହାଦ୍ୱାରା ରାଜ୍ୟରେ ଲୋକକଳାର ଅଧିକରୁ ଅଧିକ ପ୍ରଚାର ପ୍ରସାର ହେବା ସହ ଲୋକ କଳାକାରଙ୍କୁ ସମ୍ମାନ ଓ ମର୍ଯ୍ୟାଦା ମିଳି ପାରିଛି। ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଓଡ଼ିଶାର ବିଭବ ଆମ ଲୋକକଳାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମଗ୍ର ଭାରତରେ ଅନନ୍ୟ ଓ ଆଦର୍ଶ। ଦାଣ୍ଡିଆ ଡ୍ୟାନ୍ସ ଭଳି ଆଗାମୀ ଦିନରେ ଲଉଡ଼ି ଉତ୍ସବ ପାଳନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଷୋୟୀ ଓ ରାଜ୍ୟ କଳାକାର ମହାସଂଘ ଉପସଭାପତି ଅବନୀ କୁମାର ମିଶ୍ର ଯୋଗଦେଇଥିଲେ। କରୋନା କଟକଣା ଅନୁପାଳନ ପୂର୍ବକ ସ୍ୱଳ୍ପ ଦର୍ଶକଙ୍କୁ ନେଇ ଆୟୋଜିତ ହେଇଥିବା ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଘରେ ବସି ଅନେକ ଦର୍ଶକ ବିଭାଗର ଅଫିସିଆଲ ଫେସବୁକ ପେଜ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଦେଖିଥିଲେ। ଶେଷରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଷୋୟୀ ଲୋକକଳା ଆମ ସ୍ୱତନ୍ତ୍ର ପରିଚାୟକ ହେଇଥିବାରୁ ଏହାର ପ୍ରଚାର ପ୍ରସାର ଓ ଆଦର ଆମ ଗୌରବବୃଦ୍ଧି ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରି ଧନ୍ୟବାଦ ଦେଇଥିଲେ।

# ସ୍ତ୍ରୀଙ୍କୁ ପିଟି ହତ୍ୟା: ଅଭିଯୁକ୍ତ ସ୍ୱାମୀ ଗିରଫ

**କପ୍ତିପଦା,୨୩।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପେଡ଼ାଗଡ଼ି ପଞ୍ଚାୟତ କରପଦା ଗ୍ରାମରେ ସ୍ତ୍ରୀଙ୍କୁ ପିଟି ହତ୍ୟା ଅଭିଯୋଗରେ କାହ୍ନୁ ହାଁସଦାଙ୍କୁ ପୋଲିସ ଗିରଫ କରିଛି। ମୃତ ମହିଳା ହେଲେ ଫୁଲ ହାଁସଦା। ଏନେଇ ମୃତ ଫୁଲଙ୍କ ଭାଇ ପୂର୍ଣ୍ଣ ମାଝିଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୬୦/୨୧) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ କାହ୍ନୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଫୁଲଙ୍କୁ ଖାଇବାକୁ ମାଗିଥିଲେ। ଖାଇବାକୁ ଦେବାରେ ବିଳମ୍ବ ହେବାରୁ କାହ୍ନୁ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ଠେଙ୍ଗାରେ ନିସ୍ତୁକ ମାଡ଼ ମାରି ଗାଁ ଆଡ଼େ ପୁଣି ଚାଲିଯାଇଥିଲେ। ମାଡ଼ରେ ଗୁରୁତର ଫୁଲଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଅଭିଯୁକ୍ତ କାହ୍ନୁଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ବାରିପଦାରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରି ଫେରିଛି।

# ନୀଳଗିରିରେ ଝାଡ଼ଖଣ୍ଡୀ ଦନ୍ତା


ହାତୀ ଭାଙ୍ଗି ଦେଇଥିବା ଘର।

**ସଜନାଗଡ଼, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ନୀଳଗିରିକୁ ଝାଡ଼ଖଣ୍ଡ ରାଜ୍ୟ ଦଲମା ଅଭୟାରଣ୍ୟରୁ ଏକ ଦନ୍ତା ନୀଳଗିରି ଅଞ୍ଚଳକୁ ପଶିଆସିଥିଲା। ଏହି ହାତୀ ବୁଧବାର ଖାଦ୍ୟ ଅନ୍ୱେଷଣରେ ମିତ୍ରପୁର ଫରେଷ୍ଟ ନିକଟ କାଠଗୋଛି ଚଣ୍ଡିପୁର ଅଞ୍ଚଳରେ ଥିବା ପଥର ଖାଦାନ ଅଞ୍ଚଳରେ ଘୂରି ବୁଲିବା ସହ ନିକଟସ୍ଥ ଗାଁରେ ପଶି କଦଳୀ, ବାଉଁଶ ଗଛ ଖାଇବା ସହ ଜଣେ ୨ ଜଣ ବ୍ୟକ୍ତିଙ୍କ ଚାଳ ଛପର ଘରକୁ ଟାଣି ପକାଇଥିଲା। ମେଘ ଓ ଅନ୍ଧାରରାତିର ସୁଯୋଗ ନେଇ ରାତିରେ ମହିଷାପଟା ପଞ୍ଚାୟତର ସଠିଲୋ ବଲବଲିଆସ୍ଥିତ ଶାଳବଣୀ ଗ୍ରାମର ବୁଦ୍ଧିଆ ସିଂଙ୍କ ଘରକୁ ଦନ୍ତା ହାତୀ ଭାଙ୍ଗିଦେଇଛି। ଗୁରୁବାର ହାତୀଟି ଗୋପାଳପୁର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ହାତୀର ଉପଦ୍ରବ କାରଣରୁ ଆତଙ୍କିତ ଅବସ୍ଥାରେ ଅଛନ୍ତି। ନୀଳଗିରି ବନବିଭାଗ ପକ୍ଷରୁ ହାତୀର ଗତିବିଧିକୁ ଲକ୍ଷ୍ୟ କରିବା ସହ ହାତୀ ଦାଉରୁ ମଣିଷର ସୁରକ୍ଷା ଓ ମଣିଷ ଦାଉରୁ ହାତୀର ସୁରକ୍ଷା ପାଇଁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି।

# ତାତିଲେ ଲୋକେ: ବିଧାୟିକାଙ୍କ କୁଶପୁତ୍ତଳିକା ଦାହ

**ଯୋଡ଼ା,୨୩।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହର ବସ୍‌ଷ୍ଟାଣ୍ଡରେ ମାଇନିଙ୍ଗ ଏରିଆ ଟ୍ରକ ଓନର ଆସୋସିଏଶନ ପକ୍ଷରୁ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ହଜାର ହଜାର ଟ୍ରକ ମାଲିକ ଏକ ମଶାଲ ରାଲିରେ ସହର ପରିକ୍ରମା କରି ଯୋଡ଼ା ଥାନା ପର୍ଯ୍ୟନ୍ତ ଯାଇଥିଲେ। ଏହାପରେ ଯୋଡ଼ା ଥାନାରେ ବିଧାୟିକାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପ୍ରବଳ ଜନ ସମାଗମ ପାଇଁ ସହରରେ ଟ୍ରାଫିକ ବ୍ୟବସ୍ଥା ଠପ ହୋଇଯାଇଥିଲା। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ଜଜାଙ୍ଗ ଖଣିରେ ପରିବହନ ମୂଲ୍ୟ ବୃଦ୍ଧିକୁ ନେଇ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଧାରଣା ଦେଇଥିବା ବେଳେ କେତେକ ଟ୍ରକ ମାଲିକଙ୍କ ସମେତ ଯୋଡ଼ା ନଗର ଉପସଭାପତି ସତ୍ୟାନନ୍ଦ କାରୁଆଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ବିଧାୟିକାଙ୍କ ସମ୍ପୃକ୍ତି ନେଇ ଟ୍ରକ ମାଲିକମାନେ ଅଭିଯୋଗ କରିଛନ୍ତି। ବିଧାୟିକାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟ୍ରକ୍ ମାଲିକ ସଂଘ ପତ୍ର ଦେଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଥିବା ବଡବିଲ ଏସଡିପିଓଙ୍କ ବଦଳି ଦାବି କରିଛି ।

# ଗଡ଼ିଲା ସଚେତନତା ରଥ

**ଭଦ୍ରକ ଅଫିସ,୨୩।୯**

ଜିଲା ପରିମଳ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭଦ୍ରକ ବ୍ଲକ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ସ୍ୱଚ୍ଛ ଭଦ୍ରକ, ସୁସ୍ଥ ଭଦ୍ରକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନର ଆଜାଦୀ କା ଅମ୍ରିତ ମହୋତ୍ସବର ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଅରୁଣ ମହାପାତ୍ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବିଡିଓ ମନୋଜ ବେହେରାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ସଚେତନତା ପାଲା ପରିବେଷଣ କରାଯାଇଥିଲା। ଏହି ରଥ ଭଦ୍ରକ ବ୍ଲକରେ ପରିଭ୍ରମଣ କରି ସଚେତନତା ବାର୍ତ୍ତା ପହଞ୍ଚାଇବ। ଏହି କାର୍ଯ୍ୟକ୍ରମକୁ ଜିଲା ସଂଯୋଜିକା ରୀତାରାଣୀ ନାୟକ, ଗୌତମ ପଟେଲ, ବ୍ଲକ ସଂଯୋଜିକା ସସ୍ମିତା ନାୟକ ଓ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।


ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

## ବାଲି ଉଠାଣ ସମ୍ପର୍କିତ ଜନଶୁଣାଣି

# ସମସ୍ୟା ସମାଧାନକୁ ପ୍ରାଥମିକତା

**ପରଜଙ୍ଗ, ୨୩।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ଜଟିଆ ପାଲାମଣ୍ଡପରେ ବାଲି ପରିବହନ ସମ୍ପର୍କିତ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜଟିଆ ଗାଁ ନିକଟ ବ୍ରାହ୍ମଣୀ ନଦୀର ଖାତା ନଂ. ୨୪, ପ୍ଲଟ ନଂ. ୬୯୬ ଅଧୀନ ୬.୦୪୬ ହେକ୍ଟର ଜାଗାରେ ବାଲିଘାଟ ପାଇଁ ଟେଣ୍ଡର ହୋଇଛି। ମୀନାକ୍ଷୀ ପ୍ରଧାନ ଏହି ଟେଣ୍ଡର ପାଇଛନ୍ତି। ତେବେ ଚଳିତବର୍ଷ ଉକ୍ତ ବାଲିଘାଟ ନୂଆରେ ହୋଇଥିବାରୁ ବାଲି ଉଠାଣ ପୂର୍ବରୁ ଆଞ୍ଚଳିକ ସମସ୍ୟା, ପ୍ରଦୂଷଣ ନିୟମ ସମ୍ପର୍କରେ ମତାମତ ଲୋଡ଼ିବାକୁ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିରର ଆୟୋଜନ କରାଯାଇଥିଲା। ଅଭିଯୋଗଗୁଡ଼ିକର ସମାଧାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଶିବିରରେ ବାଲିଘାଟରୁ ବାଲିଉଠାଣ ନେଇ ୨୯ ଜଣ ମତ ରଖିଥିବାବେଳେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରିଯାନ ଚଳାଚଳ କରିବା ଦ୍ୱାରା ପ୍ରଦୂଷଣ ସାଙ୍ଗକୁ ଦୁର୍ଘଟଣା ବଢ଼ିବା ଆଶଙ୍କା ରହିଛି। ଏଥିସହ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିବ। ତେଣୁ କେତେଜଣ ଗ୍ରାମବାସୀ ବାଲିଘାଟକୁ ବିରୋଧ କରିଥିଲେ। ସମସ୍ୟାର ସମାଧାନ ତଥା ବିକଳ୍ପ ବ୍ୟବସ୍ଥା ପରେ ଘାଟରୁ ବାଲି ପରିବହନକରାଯାଉବୋଲିସେମାନେଦାବି କରିଥିଲେ। ଅନ୍ୟପଟେ ବାଲିଘାଟ ଦ୍ୱାରା ଗାଡ଼ିମାଲିକ, ଶ୍ରମିକ ଏବଂ ଅଞ୍ଚଳବାସୀଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ କର୍ମନିଯୋଜନ ମିଳିବ ବୋଲି କହି କେତେଜଣ ଏହାକୁ ସମର୍ଥନ ଜଣାଇଛନ୍ତି। ଶିବିରରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଅନୁପ ମଲ୍ଲିକ, ବିଡିଓ ବିନୋଦ ବିହାରୀ ବେହେରା, ସରପଞ୍ଚ ଧରିତ୍ରୀ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।


ଜନଶୁଣାଣି ଶିବିରରେ ଉପସ୍ଥିତ ଗ୍ରାମବାସୀ।

## ଆଜି କ'ଣ କେଉଁଠି

ବଅଁରପାଳ
- ସମନ୍ୱୟ ମେଳା, ସ୍ଥାନ-ବଅଁରପାଳ ବ୍ଲକ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।
- ପୁନା ଚୁକ୍ତି ଦିବସ, ସ୍ଥାନ- ନାଲ୍କୋ ଏସ୍‌ସିଏସ୍‌ଟି କାର୍ଯ୍ୟାଳୟ, ସମୟ- ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ୨ ଗିରଫ

**ବଇଣ୍ଡା,୨୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶ୍ୱବାହଳ ଗ୍ରାମର ନନ୍ଦ ପ୍ରଧାନଙ୍କୁ ସେହି ଗ୍ରାମର ପଲଉ ପ୍ରଧାନ ଓ ତାଙ୍କ ପୁଅ ମାମୁଲା ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୨୨୬ /୨୧ରେ ଏକ ମାମଲା ରୁଜୁ କରି ଗୁରୁବାର ଉଭୟ ବାପା ଓ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ନନ୍ଦ ଓ ପଲଉଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ନନ୍ଦଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ।

### ୨ ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୨୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପୋଲିସ ବୁଧବାର ରାତିରେ ତାଳବାହାଳି ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ରସାନନ୍ଦ ପ୍ରଧାନ ଓ ବିଡିଶିଙ୍ଗି ବାସୁ ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ରବୀନ୍ଦ୍ର କୁମାର ସାହୁଙ୍କୁ ଗିରଫ କରିଛି। ଉଭୟଙ୍କ ନାଁରେ ୨୦୦୭ ମସିହାରେ ଢେଙ୍କାନାଳ କୋର୍ଟରେ ଏକ ଗଞ୍ଜେଇ ଚାଲାଣ ମାମଲା ଥିଲା। କୋର୍ଟରେ ହାଜର ନ ହୋଇ ଦୀର୍ଘଦିନ ହେବ ଉଭୟେ ଫେରାର ଥିଲେ। ସେମାନେ ଘରେ ଥିବା ଖବରପାଇ ପୋଲିସ ଚଢାଉ କରିଥିଲା।

### ଭାରିଯାନ ଚଳାଚଳକୁ ବିରୋଧ

**ବଅଁରପାଳ,୨୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା ନାଲ୍‌କୋ-ତାଳଚେର ରାସ୍ତାରେ ଭାରିଯାନ ଚଳାଚଳକୁ ନାଲ୍‌କୋ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ସଭାପତି ପ୍ରଭାସ ସାମଲ ବିରୋଧ କରିଛନ୍ତି। ସେ କହିଛନ୍ତି, ଉକ୍ତ ରାସ୍ତାରେ ଅନେକ ସମୟରେ କୋଇଲା ବୋଝେଇ ଓ ଲୁହା ବୋଝେଇ ଗାଡି ଯାତାୟାତ କରୁଛି। ଏହାଦ୍ୱାରା ରାସ୍ତା ଖରାପ ହେବା ସହ ଅନେକ ସମୟରେ ଦୁର୍ଘଟଣା ବୃଦ୍ଧି ପାଉଛି। ବହୁ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଶ୍ରମିକମାନେ ଏହି ରାସ୍ତା ଦେଇ ଯାଉଥିବାରୁ ଭାରୀଯାନ ଚାଲିବା ଯୋଗୁ ଦୁର୍ଘଟଣା ଆଶଙ୍କା ବଢୁଛି। ତେଣୁ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସାମଲ ଦାବି କରିଛନ୍ତି।

### ଭାଗବତ ଜନ୍ମ ପାଳିତ

**ଛେଣ୍ଡିପଦା, ୨୩।୯(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମ ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀରେ କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ ଭାଗବତ ଜନ୍ମ ପାଳିତ ହୋଇଛି। ଟୁଙ୍ଗୀ ସଭାପତି ସିଦ୍ଧେଶ୍ୱର ଦାସ, ସମ୍ପାଦକ ବଟକୃଷ୍ଣ ସାହୁଙ୍କ ନେତୃତ୍ୱରେ ବହୁ ଶ୍ରଦ୍ଧାଳୁ ମହାବନ୍ଧ ପୋଖରୀରୁ କଳସରେ ପାଣି ଆଣିବା ପରେ ଘଟ ସ୍ଥାପନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସରପଞ୍ଚ ନନ୍ଦିନୀ ସାହୁ, ଜିଆରଏସ ଦୈତାରୀ ପ୍ରଧାନ, ଗ୍ରାମସେବକ ବିନୋଦ ବିହାରୀ ସିଂ ପ୍ରମୁଖ ଯୋଗଦେଇ ଗ୍ରାମୀଣ ପାର୍କରେ ନବନିର୍ମିତ ପିଣ୍ଡି ଏବଂ ଐରାବତ ଜଳଧାରାକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ବିଧାୟକ ସୁଶାନ୍ତ କୁମାର ବେହେରା, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ଶକ୍ତି କ୍ଷେତ୍ର ଯୁବ ମଞ୍ଚ ସଭାପତି ରଞ୍ଜନ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଚାଙ୍ଗୁଡିଆ ପଞ୍ଚାୟତରେ ପାର୍କ ନିର୍ମାଣ, ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବାକୁ ବିଧାୟକ ଏବଂ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

### ୩ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ, ୨୩।୯:** ଅନୁଗୋଳ ସଦର ଥାନା ଛେଳିଆପଡ଼ା ଠାରେ ଗୁରୁବାର ଅଳିଆ ପକାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୁରୁତର ହୋଇଥିବା ଯୁବକ ହେଲେ ସିପୁନ୍ ସେଠୀ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ସଦର ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଅଞ୍ଚଳର ଅଭିଯୁକ୍ତ ସରୋଜ ସେଠୀ, ମନୋଜ ସେଠୀ ଓ ମିଛୁ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଛେଳିଆପଡ଼ା ରାସ୍ତାରେ ସରୋଜଙ୍କ ପରିବାର ଲୋକ ଅଳିଆ ପକାଉଥିବା ଦେଖି ଏହାକୁ ସିପୁନ୍ ବିରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ସମ୍ପୃକ୍ତ ୩ ଅଭିଯୁକ୍ତ ମିଶି ସିପୁନ୍‌ଙ୍କୁ ଆକ୍ରମଣ କରିଥିଲେ। ମୋନେ ଏକ ଇଟାରେ ସିପୁନଙ୍କ ମୁଣ୍ଡକୁ ଛେଚି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ରକ୍ତରଞ୍ଜୀତ ହେଉଛି ରାଜପଥ

(ଅମିତ କୁମାର ସାମଲ)
**ଅନୁଗୋଳ ଅଫିସ, ୨୩।୯**




- ଚିନ୍ତା ବଢ଼ାଉଛି ସଡ଼କ ଦୁର୍ଘଟଣା
- ୪ ବର୍ଷରେ ଗଲାଣି ୭୬୪ ଜୀବନ
- ଚିହ୍ନଟ କରାଯାଇଛି ୬ ବ୍ଲାକ୍ ସ୍ପଟ୍

ଶେଷ ହେଉନି ସମ୍ପ୍ରସାରଣ। ଆଗଉନି ଓଭରବ୍ରିଜ୍, ଅଣ୍ଡରପାସ୍ ନିର୍ମାଣ। ପୂରଣ କରାଯାଉନି ଖାଲଖମା କି ମରାମତି ହେଉନି ବାଇପାସ୍। ୫ ବର୍ଷ ହେଲା ଏପରି ଅବସ୍ଥା ଯୋଗୁ ଏକପ୍ରକାର ମରଣଯନ୍ତା ପାଲଟିଛି ଅନୁଗୋଳ ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥ। ଜିଲାରେ ଥିବା ରାଜ୍ୟ ରାଜପଥର ବହୁ ସ୍ଥାନ ମଧ୍ୟ ଦୁର୍ଘଟଣାପ୍ରବଣ। ଏହାକୁ ନେଇ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ପ୍ରତିଥର ଉଦ୍‌ବେଗ ପ୍ରକାଶ ପାଉଛି। ସଡ଼କ ସୁରକ୍ଷା ଓ ଯାତ୍ରୀଙ୍କ ଜୀବନ ରକ୍ଷାକୁ ପ୍ରାଥମିକତା ଦେବାକୁ କୁହାଯାଉଛି। କିନ୍ତୁ ସମ୍ପ୍ରସାରଣ, ମରାମତି ଦାୟିତ୍ୱରେ ଥିବା ଠିକାସଂସ୍ଥା କି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏ ଦିଗରେ ଆବଶ୍ୟକ ଦୃଷ୍ଟି ଦେଉନାହାନ୍ତି। ଖାସ୍ ଏହି କାରଣରୁ ଘଟୁଛି ଗୋଟିଏ ପରେ ଗୋଟିଏ ଦୁର୍ଘଟଣା। ରକ୍ତରଞ୍ଜିତ ହେଉଛି ରାଜପଥ।

ପ୍ରତ୍ୟେକ ମାସରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ବସୁଛି। ଦୁର୍ଘଟଣା ରୋକିବାକୁ ଏଥିରେ ନାନା ଯୋଜନା ପ୍ରସ୍ତୁତ ହେଉଛି। କମିଟି ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଅନୁରୋଧ କ୍ରମେ କେତେକ ସ୍ଥାନରେ ରାସ୍ତା ମରାମତି କରାଯାଉଛି। କିନ୍ତୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ସେପରି ତତ୍ପରତା ପ୍ରକାଶ କରାଯାଉ ନାହିଁ। ଏପରି କି ଆହୂତ ବୈଠକକୁ ଏନ୍‌ଏଚ୍‌ଏଆଇ ଅଧିକାରୀମାନେ ଆସୁନାହାନ୍ତି। ସେମାନେ ନିଜ ପ୍ରତିନିଧିଙ୍କୁ ପଠାଇ ଦାୟିତ୍ୱ ଶେଷ କରିଦେଉଛନ୍ତି। ଏନ୍‌ଏଚ୍‌ଏଆଇର ଏପରି ଅସହଯୋଗ ଯୋଗୁ ଅନୁଗୋଳ ଜିଲାରେ ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ମୃତ୍ୟୁ ଏବେ ଚିନ୍ତାର କାରଣ ହୋଇଛି। ଗତ ୪ ବର୍ଷ ମଧ୍ୟରେ ଜିଲାରେ ୧ହଜାର ୩୬୬ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୭୬୪ ଜଣଙ୍କ ଜୀବନ ଯାଇଛି। ୨୦୧୮ ମସିହାରେ ୪୯୬ଟି ଦୁର୍ଘଟଣାରେ ୨୫୮, ୨୦୧୯ ମସିହାରେ ୨୦୦ଟି ଦୁର୍ଘଟଣାରେ ୨୧୨, ୨୦୨୦ ମସିହାରେ ୩୯୫ଟି ଦୁର୍ଘଟଣାରେ ୧୯୨ ଓ ୨୦୨୧ ମସିହା ଅଗଷ୍ଟ ସୁଦ୍ଧା ୨୫୭ଟି ଦୁର୍ଘଟଣାରେ ୧୦୨ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଇତିମଧ୍ୟରେ ଜିଲାରେ ୬ଟି ବ୍ଲାକ ସ୍ପଟ୍ ଚିହ୍ନଟ କରାଯାଇଛି। ବଇଣ୍ଡାର ଲୁହାମୁଣ୍ଡା, ବଇଣ୍ଡା ଛକ, ଓ୍ୱକୁଡ଼ା, ଡୁବେ, ପଞ୍ଚମହଲା, କାଲଟାକ୍ସ ଅଞ୍ଚଳ ଦୁର୍ଘଟଣାପ୍ରବଣ ହୋଇଥିବାବେଳେ ରାଜ୍ୟସ୍ତରୀୟ ଟିମ୍ ଏହାର ଯାଞ୍ଚ କରିସାରିଛନ୍ତି। ଏଠାରେ କିପରି ଦୁର୍ଘଟଣା ରୋକାଯିବ ସେ ନେଇ ଉକ୍ତ ଟିମ୍ ରିପୋର୍ଟ ପ୍ରସ୍ତୁତ କରିବ। ତେବେ ଏନ୍‌ଏଚ୍‌ଏଆଇ ଦାୟିତ୍ୱବାନ ହେଉ ନ ଥିବାରୁ ୨୦୧୬ ମସିହାରୁ ଏନ୍‌ଏଚ୍ ୫୫ର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏ ଶେଷ ହୋଇପାରୁ ନାହିଁ। ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ୧୨୫୫ କୋଟି ଓ ଅନୁଗୋଳରୁ କଟକ ପର୍ଯ୍ୟନ୍ତ ୫୮୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲେ ବି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି।

**ଗୁଡ୍ ସମରିଟାନ ପୁସ୍ତକ ଗଲା କୁଆଡ଼େ**



"ଲୋକମାନଙ୍କୁ ସଚେତନ କରି ନ ପାରିବା ଓ ଏନ୍‌ଏଚ୍‌ଏଆଇର ବୈମାତୃକ ମନୋଭାବ କାରଣରୁ ଦୁର୍ଘଟଣାରେ ଏତେ ସଂଖ୍ୟକ ଲୋକଙ୍କ ଜୀବନ ଯାଇଛି। ଗୁଡ୍ ସମରିଟାନ ପୁସ୍ତକ ମେଡିକାଲରେ ରହିଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଏ ସମ୍ପର୍କରେ ଜିଲାର ବହୁ ଲୋକ ଅବଗତ ନ ଥିଲେ ବି ସେ ଦିଗରେ ପଦକ୍ଷେପ ନାହିଁ।

**-କଲ୍ୟାଣ କିଶୋର ମହାନ୍ତି**
ସଦସ୍ୟ, ସଡ଼କ ସୁରକ୍ଷା କମିଟି

**ମରାମତି ବାବଦ ୧୩ କୋଟି ମିଳିନି**



"ସଡ଼କ ସୁରକ୍ଷା କମିଟି ବୈଠକରେ ଆଲୋଚନା ପରେ ରାସ୍ତା ମରାମତି କରାଯାଉଛି। ଏ ବାବଦରେ ବର୍ତ୍ତମାନ ସୁଦ୍ଧା ୧୩ କୋଟି ଟଙ୍କା ଗାୟତ୍ରୀ ପ୍ରୋଜେକ୍ଟ ଖର୍ଚ୍ଚ କରିସାରିଛି। କିନ୍ତୁ ଟଙ୍କାଟିଏ ବି ସଂସ୍ଥାକୁ ମିଳିନାହିଁ। ତେଣୁ ପଞ୍ଚମହଲାରୁ ବଅଁରପାଳ ପର୍ଯ୍ୟନ୍ତ ଖରାପ ହୋଇଯାଇଥିବା ରାସ୍ତା ମରାମତି କରିବା ସମ୍ଭବ ନୁହେଁ।

**-ଜି.ପଦ୍ମନାଭ**
ଡିଜିଏମ୍, ଗାୟତ୍ରୀ ପ୍ରୋଜେକ୍ଟ

**ଦାୟିତ୍ୱ ତୁଲାଉନି ଏନ୍‌ଏଚ୍‌ଏଆଇ**



"୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ ଅନୁଗୋଳରୁ ବଇଣ୍ଡା ଓ ବଅଁରପାଳ ରାସ୍ତାରେ ତାହା ବାରି ହୋଇପଡୁଛି। ବୈଠକରେ ଦେଉଥିବା ପ୍ରତିଶ୍ରୁତି ଠିକାସଂସ୍ଥା ପାଳନ କରୁନାହିଁ। ଏନ୍‌ଏଚ୍‌ଏଆଇ ମଧ ଠିକ୍ ଭାବେ ତଦାରଖ କରୁ ନ ଥିବାରୁ ରାଜପଥରେ ଦୁର୍ଘଟଣା ଘଟି ଜୀବନ ଯାଉଛି।

**-ବିଭୂତି ଦାସ**
ସଭାପତି, ରାଜ୍ୟ ଟ୍ରକ୍ ମାଲିକ ମହାସଂଘ

**ପ୍ରଶାସନ କେବଳ ଡଷ୍ଟ ପକାଉଛି**



"୫୫ ନଂ. ଜାତୀୟ ରାଜପଥର ନୂଆହତାରୁ ପଞ୍ଚମହଲା ରାସ୍ତା ମରାମତି କରାଯାଉ ନାହିଁ। ଏଠାରେ ହୋଇଥିବା ବଡ଼ ବଡ଼ ଖାଲଖମାରେ ପ୍ରଶାସନ କେବଳ ଡଷ୍ଟ ପକାଇ କାମ ସାରି ଦେଉଛି। ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା ଉପରେ ପ୍ରଶାସନ ଚାପ ପକାଉ ନ ଥିବାରୁ ଜାତୀୟ ଓ ରାଜ୍ୟ ରାଜପଥ ଏପରି ରକ୍ତରଞ୍ଜିତ ହେଉଛି।

**-ଅମ୍ବିକା ଭଞ୍ଜ**
ସଭାପତି, ଜିଲା ଟ୍ରକ୍ ମାଲିକ ସଂଘ

## ୭୦ ପ୍ରତିଶତ ଜମିକୁ ନାହିଁ ଜଳସେଚନ ବ୍ୟବସ୍ଥା

**ଖମାର,୨୩।୯(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଅଞ୍ଚଳବାସୀ ଧାନ ଚାଷ ଉପରେ ଅଧିକ ନିର୍ଭରଶୀଳ। ଶିଳ୍ପବିହୀନ ଏହି ଅଞ୍ଚଳରେ ଚାଷ ହିଁ ଆୟର ପ୍ରମୁଖ ମାଧ୍ୟମ। ହେଲେ ଏଠାକାର ୭୦ ପ୍ରତିଶତ ଜମିକୁ ଜଳସେଚନର ବ୍ୟବସ୍ଥା ନାହିଁ। ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଯେଉଁ ଅଳ୍ପ କିଛି ଜମି ନିକଟରେ ପାଣି ପହଞ୍ଚୁଥିଲା ସେଥିରୁ ବହୁ ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ଅବସ୍ଥାରେ ପଡ଼ିଛି। ଫଳରେ ଶଙ୍ଖପୁର, ଖମାର, ବଡ଼ସଡା, ମୁଣ୍ଡୁରିବେଡା, ପରାଚାଟ, ଇଞ୍ଜିଡ଼, ରୋହିଲା, ଆଲୋରି, ରଜଡ଼ଙ୍ଗ, କରଡାପାଳ ଆଦି ପଞ୍ଚାୟତର ଶହେରୁ ଊର୍ଦ୍ଧ୍ୱ ଗ୍ରାମରେ ଥିବା ଜମି ମୁଖ୍ୟତଃ ବର୍ଷାକୁ ଭରସା କରି ଚାଷ କରାଯାଉଛି। କିନ୍ତୁ ଚଳିତବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱଳ୍ପ ବୃଷ୍ଟି କାରଣରୁ ଖମାର ଅଞ୍ଚଳରେ ମରୁଡି ଭଳି ସ୍ଥିତି ଉପୁଜିଥିଲା। ତେବେ ସେପ୍ଟେମ୍ବରରେ ଲଘୁଚାପ ବର୍ଷା କୃଷିକ୍ଷେତ୍ରରେ ସ୍ୱାଭାବିକତା ଫେରାଇ ଆଣିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ଗତ ଜୁନ୍ ମାସରେ ଭଲ ବର୍ଷା ହେବାରୁ ଖମାର ଅଞ୍ଚଳର ଚାଷୀମାନେ ଖରାଟିଆ ହଳ କରି ଧାନ ବିହନ ବୁଣି ପାରି ନ ଥିଲେ। ତେଣୁ କାଦୁଅ ତଳି ପକାଇବାକୁ ସେମାନେ ବାଧ ହୋଇଥିଲେ। ହେଲେ ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ଚାଷ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା। ଫଳରେ ବହୁ ଜମିରେ ରୁଆ କାର୍ଯ୍ୟ ହୋଇପାରିଲା ନାହିଁ। ଏହାକୁ ନେଇ ଚାଷୀକୁଳ ହତାଶ ହୋଇପଡ଼ିଥିବାବେଳେ ଫସଲ ବୀମାରୁ ବହୁ ଚାଷୀଙ୍କୁ ବଞ୍ଚିତ କରାଯିବା ଅସନ୍ତୋଷ ସୃଷ୍ଟି କରିଥିଲା। ତେବେ ସେପ୍ଟେମ୍ବର ମାସ ଆରମ୍ଭରୁ ଲଗାତର ଭାବେ ଲଘୁଚାପ ବର୍ଷା ଜାରି ରହିବାରୁ ଶୁଖି ଫାଟିଯାଇଥିବା ଜମିରେ ଧାନଗଛ ମରିଯିବାରୁ ରକ୍ଷା ପାଇପାରିଥିଲା। ଏହାକୁ ନେଇ ଚାଷୀମାନେ ସନ୍ତୋଷବ୍ୟକ୍ତ କରିଥିଲେ ମଧ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଆସୁ ନ ଥିବାରୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

## ଭାଗ୍ୟଶ୍ରୀଙ୍କୁ ସମ୍ବର୍ଦ୍ଧନା



ଯୁବ ବିଜେଡି ପକ୍ଷରୁ ଭାଗ୍ୟଶ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଡା,୨୩।୯(ଡି.ଏନ.ଏ.)**

ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଥିବା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଅଞ୍ଚଳର ଭାଗ୍ୟଶ୍ରୀ ପ୍ରଧାନ(୩)ଙ୍କୁ ବୁଧବାର କିଶୋରନଗର ବ୍ଲକ ଯୁବ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ବାସଭବନଠାରେ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, କଳ୍ପତରୁ ସାହୁ, ହିମାଂଶୁ ପ୍ରଧାନ, ଅମୂଲ୍ୟ ଦେହୁରୀ, ଭୁବନେଶ୍ୱର ପ୍ରଧାନ, ଅମରନାଥ ଦେହୁରୀ, ଲଳିତ ସାହୁ ପ୍ରମୁଖ ଯୋଗଦେଇ ତାଙ୍କୁ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହିତ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ

**ବଇଣ୍ଡା,୨୩।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୩ଟି ସ୍ଥାନରେ ଜମି ଚିହ୍ନଟ କରାଯାଇଛି। ଉକ୍ତ ବିଦ୍ୟାଳୟ ନିକଟରେ ଥିବା ସରକାରୀ ଜମି, ଏମ୍‌ଇ ସ୍କୁଲ ଜମି, ରାମଦେଓ ଉଚ୍ଚ ବିଦ୍ୟାଳୟଠାରେ ଥିବା ଜମିଗୁଡିକୁ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଚିହ୍ନଟ କରାଯାଇଥିଲା। ପରେ ଗ୍ରାମବାସୀ, ଅଭିଭାବକ, ପ୍ରଶାସନିକ ଅଧିକାରୀଙ୍କୁ ନେଇ ହାଇସ୍କୁଲ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ସାହୁ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସିପକ ଦାସ, କନିଷ୍ଠ ଯନ୍ତ୍ରୀ ପଙ୍କଜ ଖିଲାର, ଅତିରିକ୍ତ ତହସିଲଦାର ନରୋତ୍ତମ ସାହୁ, ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବେହେରା, ମନୋରମା ସାହୁ, ରମାକାନ୍ତ ବେହେରା, ସୁଧାକର ଶଙ୍ଖାରୀ, କୁଶ ମୁଖୀ, ସବିତା ସେଠୀଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଗ୍ରାମବାସୀ କହିଥିଲେ, ବିଦ୍ୟାଳୟ ପଛ ପାଖରେ ଥିବା ଜମିରେ ଶ୍ରେଣୀଗୃହ ନିର୍ମାଣ କରାଯାଉ। ଏ ନେଇ ପୂର୍ବରୁ ଅଭିଭାବକ ଓ ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟତ୍ର ସ୍ଥାନରେ ନିର୍ମାଣ ଯୋଜନାକୁ ବିରୋଧ କରାଯାଇଥିଲା। ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର ହେଲେ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବ। ୪ ଟିକିଆ ରାସ୍ତା ପାର ହୋଇ ସ୍କୁଲ ଯିବା ବେଳେ ଛାତ୍ରୀଛାତ୍ରମାନେ ଦୁର୍ଘଟଣାର ଶିକାର ହେବା ଆଶଙ୍କା ରହିଛି। ତେଣୁ ଏହାକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ପରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ଆରମ୍ଭ ହୋଇଛି।

## ୧୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୩।୯**

ଅନୁଗୋଳ ଜିଲାରୁ ଗୁରୁବାର ୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୩୦୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ୩ ଜଣ, ଅନୁଗୋଳ ପୌରାଞ୍ଚଳରୁ ୩, ବଅଁରପାଳ ବ୍ଲକରୁ ୨, ପାଲଲହଡ଼ା ବ୍ଲକରୁ ୨, ଛେଣ୍ଡିପଦା ବ୍ଲକରୁ ଜଣେ, ତାଳଚେର ବ୍ଲକରୁ ଜଣେ, କଣିହାଁ ବ୍ଲକରୁ ଜଣେ ଓ ତାଳଚେର ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିଭଳି ଦିନକରେ ଜିଲାରୁ ୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ପୁଣି ଜଣଙ୍କର ମୃତ୍ୟୁ ହୋଇଥିବାରୁ ଜିଲାରେ ମୋଟ୍ ମୃତକଙ୍କ ସଂଖ୍ୟା ୩୮୭ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମାସକରେ ୩ ଥର ଭାଙ୍ଗିଲାଣି

**ଛେଣ୍ଡିପଦା,୨୩।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପାତ୍ରପଡାସ୍ଥିତ ବ୍ରିଟିଶ ଅମଳର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ କେନାଲ କଂକ୍ରିଟ୍ ବନ୍ଧ ଗୋଟିଏ ମାସରେ ୩ ଥର ଭାଙ୍ଗିଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ୨ମାସ ପୂର୍ବରୁ ଉକ୍ତ ମୁଖ୍ୟ କେନାଲର ମରାମତି କାର୍ଯ୍ୟ କରାଯାଇଥିଲା। ହେଲେ ୩ ସପ୍ତାହ ହେବ ଜଗନ୍ନାଥ ମନ୍ଦିର ନିକଟରେ କେନାଲର ୬୦ ମିଟର କଂକ୍ରିଟ୍ କାନ୍ଥ ଭୁଶୁଡି ପଡିଥିଲା। ଏହାର ଦୁଇ ସପ୍ତାହ ପରେ ୫୦ ମିଟରରୁ ଊର୍ଦ୍ଧ୍ୱ କାନ୍ଥ ଖସି ପଡ଼ିଥିଲା। ଗତ ବୁଧବାର ୨୦ମିଟର କଂକ୍ରିଟ୍ କାନ୍ଥ ଭାଙ୍ଗି ଯାଇଛି। ଫଳରେ ତାହା ଭୁଶୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଏ ନେଇ ଗ୍ରାମବାସୀ ଉଠା ଜଳସେଚନ ପ୍ରକଳ୍ପ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ବୁଧବାର ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଧିକାରୀ ଘଟଣାସ୍ଥଳକୁ ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ଉକ୍ତ କେନାଲକୁ ମରାମତି କରା ନ ଗଲେ ୪ଟି ମୌଜାର ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଉକ୍ତ କେନାଲରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି।



ଜଳସେଚନ ପ୍ରକଳ୍ପ

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ



ବିଧାୟକ ଏକ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରୁଛନ୍ତି।

**କଣିହାଁ ,୨୩।୯(ଡି.ଏନ.ଏ.)**

କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମରେ ମହିମା ଆଶ୍ରମ ଗୃହ, ମହାଲକ୍ଷ୍ମୀ କ୍ଲବ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଛି। ବିଧାୟକ ମୁକେଶ କୁମାର ପାଳ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ଜନତା ହାଇସ୍କୁଲର ମୋ ସ୍କୁଲ ଅଭିଯାନରେ ଭିତ୍ତିପ୍ରସ୍ତର ଓ ଛାତ୍ରୀଛାତ୍ରଙ୍କୁ ବିଧାୟକ ମାସ୍କ ବଣ୍ଟନ କରିଥିଲେ। ପରେ ବଜ୍ରକୋଟ, ଗୁଣ୍ଡୁରୀ ଗ୍ରାମକୁ ଯାଇ ବିଭିନ୍ନ ସମସ୍ୟା ବୁଝିଥିଲେ। କଣିହାଁ ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ଯୁବ ସଭାପତି ଗଗନ ରାଉତ, ସରପଞ୍ଚ ଦେବରାଜ ଦାସ, ରଶ୍ମିତା ସେଠୀ, ସମିତି ସଭ୍ୟ କୃପାସିନ୍ଧୁ ସାହୁ, ୮ ଜୋନ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଜିତେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ସାହୁ, କରୁଣା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ସମନ୍ୱୟ ମେଳା

**କଣିହାଁ,୨୩।୯(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହଠାରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଗୁରୁବାର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଜିଲା ସଂଯୋଜକ ବସନ୍ତ ମଲ୍ଲିକଙ୍କ ସହିତ ବିଭିନ୍ନ ବ୍ୟାଙ୍କ ଅଧିକାରୀ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆତ୍ମନିର୍ଭର ନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ବ୍ଲକର ୩୪୬ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁନଃ ଋଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଅଜିତ୍ ପାଣିଗ୍ରାହୀ, ବିଶ୍ୱଭୂଷଣ କର, ଶ୍ରୀପତି ଭୂତିଆ ପ୍ରମୁଖ ସହଯୋଗ କରିଥିଲେ।

## ତୃତୀୟ ଲହର ପାଇଁ ସଜାଗ ରୁହ

**ଅନୁଗୋଳ ଅଫିସ, ୨୩।୯**

**ଜିଲା ସ୍ୱାସ୍ଥ୍ୟ ଭିତ୍ତିଭୂମି ପରଖିଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍**

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଅନୁଗୋଳ ଜିଲାରେ ପହଞ୍ଚି ଚିକିତ୍ସା ଭିତ୍ତିଭୂମି ଯାଞ୍ଚ କରିବା ସହ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। ସତ୍ୟନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଆସିଥିବା ଉକ୍ତ ଟିମ୍ ଗତ ୩ଦିନ ମଧ୍ୟରେ ଜିଲାର ସମସ୍ତ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏହି ଟିମ୍ ପ୍ରଥମେ କଣିହାଁ ବ୍ଲକ ଗସ୍ତକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ, ପ୍ରକଳ୍ପ ପରିଚାଳକ, ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ପରେ ବିରୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଯାଇଥିଲେ। ଏହାପରେ ଟିମ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପୁରୁଣାଗଡ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ଉକ୍ତ ଟିମ୍ ଜିଲା ସଦର ମହକୁମା ଚିକିତ୍ସାଳୟ ପରିଦର୍ଶନ କରି ସିଡିଏମ୍‌ଓଙ୍କ ସହିତ ଆଲୋଚନା କରିଥିଲେ। ବିଶେଷକରି ସ୍ୱାସ୍ଥ୍ୟକେନ୍ଦ୍ର ସଫାସୁତରା, ଆମ୍ବୁଲାନ୍ସ ସେବା, ମାଗଣା ଔଷଧ ପ୍ରଦାନ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ନିଦାନ ଏବଂ ସହାୟ କାର୍ଯ୍ୟକ୍ରମ ସହ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ରାଜ୍ୟ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ ) ଡା. ମୃତ୍ୟୁଞ୍ଜୟ ଶତପଥୀ ଏବଂ ଶିଶୁ ସ୍ୱାସ୍ଥ୍ୟ ପରାମର୍ଶଦାତା ଅନିନ୍ଦିତା ପଟ୍ଟନାୟକ ଗୁରୁବାର ପହଞ୍ଚି ପାଲଲହଡା ଉପଖଣ୍ଡ ଚିକିତ୍ସାଳୟ ବୁଲି ଦେଖିଥିଲେ। ସେଠାରୁ ଫେର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ କରିଥିଲେ। କୋଭିଡର ତୃତୀୟ ଲହରର ମୁକାବିଲା ପାଇଁ ସଜାଗ ରହିବାକୁ ଟିମ୍ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ୬ଶଯ୍ୟା ବିଶିଷ୍ଟ ୧୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ୨୦ ଶଯ୍ୟା ବିଶିଷ୍ଟ ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୫୦ ଶଯ୍ୟା ବିଶିଷ୍ଟ ଗୋଟିଏ ଉପଖଣ୍ଡ ଚିକିତ୍ସା କେନ୍ଦ୍ରର ଭିତ୍ତିଭୂମି ଦୃଢ଼ୀକରଣ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ସଂକ୍ରମିତ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲିବା, ଆଇସିୟୁକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ଟିମ୍ ଜିଲାରେ ରହିବ ବୋଲି ମେଡିକାଲ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।



ଜିଲାର ବିଭିନ୍ନ ମେଡିକାଲ ପରିଦର୍ଶନ କରୁଥିବା ରାଜ୍ୟସ୍ତରୀୟ ଟିମ୍।

## ଅବକାରୀ ଚଢ଼ାଉ, ୨ ଗିରଫ

**ଛେଣ୍ଡିପଦା,୨୩।୯(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ପାତ୍ରପଡା, ନୂଆଗାଁ ଓ ପୋଡାପଡା ଗ୍ରାମରେ ଗୁରୁବାର ଅନୁଗୋଳ ଜିଲାର ୨ ନଂ. ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ ଓ ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ପୋଡାପଡା ଗ୍ରାମର ମିତାରାଣୀ ନାୟକ ଓ ପାତ୍ରପଡା ଗ୍ରାମର ପପୁନ କୁମାର ବେହେରା ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୪୦ଲିଟର ଦେଶୀ ମଦ ଜବତ କରିବା ସହ ୧୪୦୦ କେ.ଜି ମହୁଲ ପୋଚ ନଷ୍ଟ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୩।୯(ଡି.ଏନ.ଏ.):**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଗ୍ରାମର ମମତା ଦେହୁରୀଙ୍କୁ ସେହି ଗ୍ରାମର ଭରତ ପ୍ରଧାନ ଗୁରୁବାର ମାଡ଼ ମାରିଥିବା ମମତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୩୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ମମତା ଘରେ ଏକୁଟିଆ ଥିବାବେଳେ ଭରତ ଘରେ ପଶି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

